# ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆନ୍ତର୍ଜାତୀୟ ମହିଳା ଦିବସ -୨୦୨୩ ସଖୀ ଅନୁଷ୍ଠାନ ଦ୍ୱାରା ଆଜି ଅପରାହ୍ଣରେ ମହାସମାହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲୀପ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାରେ ଶିଶୁ ଜନ୍ମ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ,ଶିକ୍ଷା ଓ ସାମାଜିକ ସୁରକ୍ଷା ଉପରେ ଜିଲ୍ଲା ସୁରକ୍ଷା ଅଧିକାରିଣୀ ପୌର୍ଣ୍ଣମାସୀ ରଥ ଗୁରୁତ୍ୱାରୋପ କରିଥିଲେ । ବିଶେଷକରି କନ୍ୟା ସନ୍ତାନମାନଙ୍କ ଉପରେ ହେଉଥିବା ସାମାଜିକ ଶୋଷଣ ଓ ଅତ୍ୟାଚାରକୁ ରୋକିବା ଦିଗରେ ସମାଜର ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କର ମାନସିକତାରେ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ ଏବଂ କେବଳ ଆଇନ୍ ସମସ୍ତଙ୍କୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା ଯୋଗ ଦେଇ ଭ୍ରୁଣ ହତ୍ୟା,ଲିଙ୍ଗଗତ ଅସମାନତା ରୋକିବା ଏବଂ କନ୍ୟା ସନ୍ତାନକୁ ସମାଜରେ ଉପଯୁକ୍ତ ସମ୍ମାନ ଦେଲେ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ସେ ଆଶାପୋଷଣ କରିଥିଲେ । ବାଳିକା ଶିକ୍ଷା ସହାୟକ ଶ୍ରୀ ପ୍ରଫୁଲ୍ଲ କୁମାର ବାରିକ କନ୍ୟାମାନଙ୍କର ଶିକ୍ଷାକୁ ପ୍ରାଥମିକତା ଦେଇ ଉଚ୍ଚ ଶିକ୍ଷିତା କରିବା ଦ୍ୱାରା ସମାଜରେ ପୁରୁଷମାନଙ୍କ ସହ ସମକକ୍ଷ ହୋଇ ରାଜ୍ୟ ତଥା ଦେଶର ବିକାଶରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ପରାମର୍ଶଦାତା (ବାଲ୍ୟ ବିବାହ) ଶ୍ରୀସନ୍ତୋଷ କୁମାର ବେହେରା ଆମ ଜିଲ୍ଲାରେ ବାଲ୍ୟ ବିବାହର ହାର ଅନ୍ୟ ଜିଲ୍ଲା ତୁଳନାରେ ଅଧିକ ଥିବାରୁ ଏହାକୁ ସାମାନ୍ୟ ସ୍ଥିତିକୁ ଆଣିବା ପାଇଁ ପ୍ରୟାସ ଜାରି ରଖିବାକୁ ସମାଜର ସମସ୍ତ ବର୍ଗର ଲୋକଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଦ୍ରୌପଦୀ ପଟେଲ ,ହସପିଟାଲ ମ୍ୟାନେଜର ସୌମ୍ୟଶ୍ରୀ ପ୍ରଧାନ, ଅଧିବେଶନ ଅଧିକାରୀ ଶୈଳବାଳା ମିଶ୍ର, ନର୍ସିଂ ଅଧିକାରୀ ଗୀତାଞ୍ଜଳୀ ସ୍ୱାଇଁ,ସାଥୀ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ପ୍ରଧାନ,ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପରିଚାଳକ/ ପରିଚାଳିକା ମାନେ ଯୋଗ ଦେଇଥିଲେ । ସଖୀର ପରିଚାଳିକା ସୁଶ୍ରୀ ସଙ୍ଗୀତା ସ୍ୱାଇଁଙ୍କ ସମେତ ତାଙ୍କର ସହଯୋଗୀମାନେ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୧୮ ତା.୦୮.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଆନ୍ତଃରାଷ୍ଟ୍ରୀୟ ମହିଳା ଦିବସ-୨୦୨୩
ଲିଙ୍ଗ ସମାନତାକୁ ଗ୍ରହଣ କରିବା
USAID
Celebration
INTERNATIONAL WOMEN'S DAY - 2023